# ଦୋକାନରେ ପଶିଗଲା ଟ୍ରେଲର

ଯୋଡ଼ା,୩୦।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ୫୨୦ ନଂ. ଜାତୀୟ ରାଜପଥର କଣ୍ଡରାଠାରେ ରବିବାର ଏକ ଟ୍ରେଲର ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଦୋକାନ ଘରେ ପଶିଯାଇଥିଲା। ଏଥିରେ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରିମୁଳୀ ଆଡୁ ଯୋଡ଼ା ଅଭିମୁଖେ ଆସୁଥିବା ଟ୍ରେଲର (ନଂ. ଓଡି ୦୯ୱାଇ ୧୨୬୬) ୫୨୦ ନଂ. ଜାତୀୟ ରାଜପଥର କଣ୍ଡରାଠାରେ ଭାରସାମ୍ୟ ହରାଇ ରାସ୍ତାକଡ଼ର ଡାହାଣ ପାର୍ଶ୍ୱରେ ଥିବା ଏକ ଦୋକାନ ଭିତରେ ପଶିଯାଇଥିଲା। ସେଠାରେ ଥିବା ଦୋକାନୀ, ଟ୍ରେଲର ଡ୍ରାଇଭର ଓ ହେଲପର ଆହତ ହୋଇଥିଲେ। ବିଲେଇପଦା ଫାଣ୍ଡି ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

# ୩ବର୍ଷ ବିତିଲା, ହୋଇପାରୁନି ଆପ୍ରୋଚ ରୋଡ୍

ଭଣ୍ଡାରିପୋଖରୀ, ୩୦।୬(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବରୁଣ୍ଡେଇ-ବନ୍ଦାଲୋ ରାସ୍ତାର ବନ୍ଦାଲୋ ନିକଟରେ ବୈତରଣୀ ନଦୀ ଉପରେ ସେତୁ ନିର୍ମାଣକୁ ୩ ବର୍ଷ ବିତିଯାଇଛି। ମାତ୍ର ବ୍ୟକ୍ତିଗତ ଜମି ରହିଥିବାରୁ ଏହି ସେତୁର ସଂଯୋଗୀକରଣ ରାସ୍ତା ବା ଆପ୍ରୋଚ ରୋଡ୍ ନିର୍ମାଣ ହୋଇପାରୁ ନାହିଁ। ଫଳରେ ସେତୁ ନିର୍ମାଣ ପରେ ବି ଲୋକଙ୍କ କାମରେ ଆସୁନି। ଏବେ ବର୍ଷାଋତୁ ଆରମ୍ଭ ହୋଇଥିବାରୁ ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟ କରିବା ଆଉ ସମ୍ଭବ ହେବ ନାହିଁ। ଏଥିପାଇଁ ଆବଶ୍ୟକ ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ବର୍ଷାଦିନେ ସେତୁ ନିକଟରେ ପହଞ୍ଚିବା ଏକପ୍ରକାର ଅସମ୍ଭବ। ସଂଯୋଗୀକରଣ ପାଇଁ ଅଟକି ରହିଥିବା ଏହି ସେତୁ କାର୍ଯ୍ୟ ଅବଧି ଶେଷ ହେବାର ୩ ବର୍ଷ ପରେ ବି ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ବନ୍ଦାଲୋ ନିକଟରେ ନିର୍ମିତ ବୈତରଣୀ ସେତୁ।

ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ଦ୍ୱାରା ବିଜୁ ସେତୁ ଯୋଜନାରେ ବୈତରଣୀ ନଦୀ ଉପରେ ଏହି ସେତୁ ୨୪ କୋଟି ୭୯ ଲକ୍ଷ ୪୩ ହଜାର ୧୬୦ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମାଣ କରାଯାଇଛି। ୨୦୧୯ ମାର୍ଚ୍ଚ ୮ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ୨୦୨୧ ଜୁଲାଇ ୭ ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଅବଧି ରହିଥିଲା। ୬୭୪.୫୯ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ଦ୍ୱାରା ବନ୍ଦାଲୋ ପଞ୍ଚାୟତର ବିଭିନ୍ନ ଗ୍ରାମ ସହ ଦୁଲାଖାପାଟଣା, ଶାଳବା, ବୈତରଣୀ ରୋଡ୍ ଆଦି ଅଞ୍ଚଳର ଲୋକେ ଉପକୃତ ହେବେ। ଏହି ସେତୁ ଦ୍ୱାରା ଭଦ୍ରକ ଜିଲାର କେନ୍ଦୁଆପଦା, ମଞ୍ଜୁରୀରୋଡ୍ ଅଞ୍ଚଳ ସମେତ ବନ୍ତ ଅଞ୍ଚଳର ଲୋକେ ବୈତରଣୀ ରୋଡ୍, କୋରେଇ ଓ ଯାଜପୁର ରୋଡ୍ ଯିବା ପାଇଁ ସହଜ ହୋଇପାରିବ। ମଞ୍ଜୁରୀରୋଡ୍, କେନ୍ଦୁଆପଦା ଆଦି ଅଞ୍ଚଳରୁ ଯାଜପୁରରୋଡ୍ ଓ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାତାୟାତ କରୁଥିବା ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ। ହେଲେ ପୋଲ ନିର୍ମାଣର ୩ ବର୍ଷ ପରେ ବି ଆପ୍ରୋଚ୍ ହୋଇପାରି ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ରସାନନ୍ଦ ବାରିକଙ୍କୁ ପଚାରିବାରୁ ସେତୁର ସଂଯୋଗୀକରଣ ରାସ୍ତା ନିମନ୍ତେ ଆବଶ୍ୟକ ଜାଗା ମଧ୍ୟରେ କିଛି ବ୍ୟକ୍ତିଗତ ସ୍ଥାନ ରହିଥିବା ଓ ଏହା ଅଧିଗ୍ରହୀତ ହୋଇପାରି ନ ଥିବାରୁ ନିର୍ମାଣରେ ବିଳମ୍ବ ହେଉଛି ବୋଲି କହିଛନ୍ତି।

# ମହିଳାଙ୍କୁ ଗଣବଳାତ୍କାର: ଜେଲ ଗଲେ ୩ ଅଭିଯୁକ୍ତ

ଚାନ୍ଦବାଲି,୩୦।୬(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଭୂଇଁବୃତ୍ତି ପଞ୍ଚାୟତ ନୂଆଗାଁ ନିକଟରେ ଚାଷ କାମ କରିବାକୁ ଆସିଥିବା ଜଣେ ଜନଜାତି ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଚାନ୍ଦବାଲି ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏହି ଘଟଣାରେ ଅଭିଯୁକ୍ତମାନେ ଅନ୍ୟ ମୁଣ୍ଡରେ ଦୋଷ ଲଦିବା ପାଇଁ ରଚିଥିବା ଚକ୍ରାନ୍ତରେ ନିଜେ ଫସିଛନ୍ତି। ଅଭିଯୁକ୍ତମାନେ ହେଲେ ନୂଆଗାଁ ଅଞ୍ଚଳର ଜଗନ୍ନାଥ ଦାସ(୩୬), ପ୍ରଦୀପ ଦାସ(୨୮) ଓ ପଦ୍ମଲୋଚନ ଦାସ(୨୨)। ସେମାନଙ୍କୁ ଭଦ୍ରକ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ମହିଳା ଜଣକ ଚାଷ କାମ ପାଇଁ ଭଦ୍ରକରୁ ଚାନ୍ଦବାଲି ଆସିଥିଲେ। ପୂର୍ବରୁ ମଧ୍ୟ ସେ ଚାଷ କାମ କରିବା ପାଇଁ ନୂଆଗାଁକୁ ଆସିଥିଲେ। ଘଟଣା ଦିନ

## ନିଜ ଚକ୍ରାନ୍ତରେ ଫସିଲେ

ଚାନ୍ଦବାଲିକୁ ଯାଉଥିବା ବେଳେ ନୂଆଗାଁ ରାସ୍ତାରେ ସନ୍ଧ୍ୟା ପ୍ରାୟ ୭ଟା ବେଳେ ୩ ଯୁବକ ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ଏହାପରେ ଅନ୍ୟ ମୁଣ୍ଡରେ ଦୋଷ ଲଦିବା ପାଇଁ ସେମାନଙ୍କ ମଧ୍ୟରୁ ଜଣେ ପୋଲିସକୁ ଫୋନ୍ ମାଧ୍ୟମରେ ଜଣେ ମହିଳା ବଳାତ୍କାରର ଶିକାର ହୋଇଥିବା ଜଣାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଖବର ଦେଇଥିବା ଲୋକ ହିଁ ପ୍ରକୃତ ଅଭିଯୁକ୍ତ ବୋଲି ପୋଲିସର ସନ୍ଦେହ ହୋଇଥିଲା। ତଦନ୍ତ ବେଳେ ଜଗନ୍ନାଥ, ପ୍ରଦୀପ ଓ ପଦ୍ମଲୋଚନ ମହିଳାଙ୍କୁ ବଳାତ୍କାର କରିଥିବା ପୋଲିସ ଜାଣିବାକୁ ପାଇଥିଲା। ଏନେଇ ପୋଲିସ ମାମଲା (ନଂ.୨୮୬/୨୪) ରୁଜୁ କରି ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା।

# ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦର ବାର୍ଷିକୋତ୍ସବ


ପରିଷଦର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୩୦।୬(ରବିନାରାୟଣ ଖିଲାର)

ସଂସ୍କୃତ ଭାଷା ଓ ଆର୍ଯ୍ୟ ସଂସ୍କୃତି ତଥା ବୈଦିକ ଚେତନା ତିଷ୍ଠି ରହିବାରେ ବ୍ରାହ୍ମଣ ସମାଜର ଅବଦାନ ଅନସ୍ୱୀକାର୍ଯ୍ୟ। ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦର ଭଦ୍ରକ ଶାଖା ଏବଂ ଓଡ଼ିଶା ବୈଦିକ ବ୍ରାହ୍ମଣ ମହାସଭାର ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପଣ୍ଡିତ କାଶୀନାଥ ପଣ୍ଡାଙ୍କ ପୌରୋହିତ୍ୟ ଓ ଅଧ୍ୟାପକ ନୀହାର ରଞ୍ଜନ କରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଶେଖର ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, 'ଅମୃତ ଦର୍ଶନ'ର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ପଣ୍ଡିତ ନିରଞ୍ଜନ ଦାଶ ବିଶିଷ୍ଟ ଅତିଥି, ଅଧିବକ୍ତା ବିଜୟ କୁମାର ପାଣିଗ୍ରାହୀ, ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡା, ପଣ୍ଡିତ ଚତୁର୍ଭୁଜ ତ୍ରିପାଠୀ, ଇଂ. କୃତିବାସ ରଥ, ପଣ୍ଡିତ ତ୍ରିଲୋଚନ ପଣ୍ଡା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନୋଜ ଆଚାର୍ଯ୍ୟ, ଅଧିବକ୍ତା ଅରୁଣ କୁମାର ମିଶ୍ର, ବିଦ୍ୟାଧର ତ୍ରିପାଠୀ, ମନୋରଞ୍ଜନ ପାଢ଼ୀ, ମଧୁସୂଦନ ମିଶ୍ର, କମଳେନ୍ଦୁ ପାଢ଼ୀ, ପବିତ୍ର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଙ୍ଗଠନର ସମ୍ପାଦକ ପୀତବାସ ପଣ୍ଡା ସମ୍ପାଦକୀୟ ବକ୍ତବ୍ୟ ରଖିଥିବା ବେଳେ ପଣ୍ଡିତ ପ୍ରଦୀପ କୁମାର ବାନାର୍ଜୀ ଅତିଥି ପରିଚୟ, ସାରସ୍ୱତ ସଙ୍ଗଠକ ଅମର କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅନିଲ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଭଦ୍ରକ ବିଧାୟକଙ୍କୁ ଦିଆଯାଇଥିବା ସମ୍ବର୍ଦ୍ଧନା ତାଙ୍କ ଅନୁପସ୍ଥିତିରେ ପ୍ରତିନିଧି ମହାପାତ୍ର ଗ୍ରହଣ କରିଥିଲେ।

# କଳା, ସଂସ୍କୃତି ମାଧ୍ୟମରେ ଓଡ଼ିଆ ଅସ୍ମିତା ବଞ୍ଚି ରହିବ: ସୂର୍ଯ୍ୟବଂଶୀ

ଧାମନଗର,୩୦।୬ (ସନ୍ତୋଷ କୁମାର ମହାପାତ୍ର)

କଳା, ସଂସ୍କୃତି ମାଧ୍ୟମରେ ଓଡ଼ିଶାର ସଂସ୍କୃତି, ପରମ୍ପରା ଏବଂ ଓଡ଼ିଆ ଅସ୍ମିତା ବଞ୍ଚି ରହିବ। ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରବିବାର ଭଦ୍ରକ ଜିଲା ଧାମନଗର ବ୍ଲକର ଧୁଷୁରୀଠାରେ ଅନୁଷ୍ଠିତ ଯୁବ କଳା ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଧୁଷୁରୀସ୍ଥିତ ପୂଜ୍ୟପୂଜା ସଂସଦ ଭବନରେ କେନ୍ଦ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଯୁବ କଳା ମହୋତ୍ସବ-୨୦୨୪ର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ପରେ ବକ୍ତବ୍ୟ ରଖିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଭାରତ ବର୍ଷର କୋଣ ଅନୁକୋଣରେ ଥିବା ପ୍ରମୁଖ ମନ୍ଦିର ସ୍ଥାନରେ 'ଟେମ୍ପଲ ସିଟି' ନାମରେ ଏହି ଯୁବ କଳା ମହୋତ୍ସବ କରାଯିବ। ପ୍ରାୟ ୭୦ରୁ ଅଧିକ କଳାକାର ନୃତ୍ୟ ସଙ୍ଗୀତ ପରିବେଷଣ କରିଛନ୍ତି। ଓଡ଼ିଶାରେ ଆରମ୍ଭ ହେଉଥିବା ଏହି କାର୍ଯ୍ୟକ୍ରମ ଧୁଷୁରୀରୁ

## ଯୁବ କଳା ମହୋତ୍ସବ ଉଦ୍‌ଯାପିତ


ଯୁବ କଳା ମହୋତ୍ସବରେ ଅତିଥି ପ୍ରଦୀପ ପ୍ରଜ୍ଜ୍ୱଳନ କରୁଛନ୍ତି।

ଆରମ୍ଭ ହୋଇଛି। ଏହା ନିଶ୍ଚିତ ଭାବେ ଓଡ଼ିଶାରେ ସଫଳ ହେବା ସହ ଏଥିପାଇଁ ଯୁବ ସମାଜ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସଚିବ ରାଜକିଶୋର ଦାଶ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଯୋଗ ଦେଇଥିଲେ।

ଏହି ଉତ୍ସବରେ ରାଜ୍ୟ ଓ ବାହାର ରାଜ୍ୟ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ପ୍ରମୁଖ ରାଜ୍ୟରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ଛାୟାଚିତ୍ର ପରିବେଷଣ କରାଯାଇଥିଲା। ବ୍ଲକ କଳା ସଂସ୍କୃତି ସଂଘର କାର୍ଯ୍ୟକର୍ତ୍ତା ସୁବାସ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶା କଳା ସଂସ୍କୃତି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ବର୍ଷା ପାଇଁ କାର୍ଯ୍ୟକ୍ରମକୁ ଆବଦ୍ଧ ଘରେ କରାଯାଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ।

# ବିଶ୍ୱ କର୍ତ୍ତବ୍ୟ ଦିବସ



ଭଦ୍ରକର ଡଗମୁଣ୍ଡ କୁଷ୍ଠ କଲୋନୀରେ କର୍ତ୍ତବ୍ୟ ଦିବସ ପାଳନ କରାଯାଉଛି।

ଭଦ୍ରକ, ୩୦।୬ (ରବିନାରାୟଣ ଖିଲାର)

ଭଦ୍ରକର ଡଗମୁଣ୍ଡ କୁଷ୍ଠ କଲୋନୀରେ ରବିବାର ବିଶ୍ୱ କର୍ତ୍ତବ୍ୟ ଦିବସ ପାଳନ କରାଯାଇଛି। ସମାଜରେ ଆମେ ନିଜ ଅଧିକାର ଉପରେ ଗୁରୁତ୍ୱ ଦେଉଥିବା ବେଳେ ନିଜର କର୍ତ୍ତବ୍ୟକୁ ଭୁଲି ଯାଆନ୍ତି। ଅଧିକାର ଓ କର୍ତ୍ତବ୍ୟ ଉପରେ ଥିବା ଅସମାନତାକୁ ଲକ୍ଷ୍ୟ କରି ସୁପ୍ରିମକୋର୍ଟ ଅଧିବକ୍ତା ତଥା ସାମାଜିକ କର୍ମୀ ରାଧାକାନ୍ତ ତ୍ରିପାଠୀ ପ୍ରତିବର୍ଷ ଜୁନ୍ ୩୦କୁ କର୍ତ୍ତବ୍ୟ ଦିବସ ରୂପେ ପାଳନ କରିଆସୁଛନ୍ତି। ଜୁନ୍ ୩୦କୁ ଯଦି ଆମେ ବର୍ଷର ଅଧା ବୋଲି ମାନିବା, ତେବେ ଆମେ ଅଧିକାର ଓ କର୍ତ୍ତବ୍ୟ ପ୍ରତି କେତେ ସଚେତନ ଅଛନ୍ତି ତାହା ସମୀକ୍ଷା କରିବା ସହ ଆଉ ଅଧା ବର୍ଷ ପାଇଁ ସଚେତନ ହୋଇପାରିବା। ଏହି ଉଦ୍ଦେଶ୍ୟ ନେଇ କର୍ତ୍ତବ୍ୟ ଦିବସ ପାଳନ କରାଯାଉଛି ବୋଲି ରାଧାକାନ୍ତ କହିଛନ୍ତି।

# ଭାରତ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ


ଚାରାରୋପଣ କାର୍ଯ୍ୟକ୍ରମ ଅବସରରେ ଭାରତ ବିକାଶ ପରିଷଦର ଭଦ୍ରକ ଶାଖା ସଦସ୍ୟମାନେ।

ଭଦ୍ରକ,୩୦।୬(ସନାତନ ରାଉତ)

ଭାରତ ବିକାଶ ପରିଷଦର ପ୍ରତିଷ୍ଠାତା ଡା. ସୂରଜ ପ୍ରକାଶଙ୍କ ଜୟନ୍ତୀ ଉପଲକ୍ଷେ ଗତ ୨୭ ତାରିଖଠାରୁ ଜୁଲାଇ ୧୦ ପର୍ଯ୍ୟନ୍ତ ପରିଷଦ ପକ୍ଷରୁ ସେବାପକ୍ଷ ପାଳନ କରାଯାଉଛି। ଏହି ଉପଲକ୍ଷେ ଭଦ୍ରକ ଶାଖା ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାରାରୋପଣ ଦ୍ୱାରା ପରିବେଶ ସନ୍ତୁଳନ, ମୃତ୍ତିକା କ୍ଷୟ ରୋକିବା ସହ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ମିଳିବ ବୋଲି ଶାଖାର ସମ୍ପାଦକ ପ୍ରଦୀପ ପୁହାଣ କହିଥିଲେ। ଭଦ୍ରକ ଚରମ୍ପା ନିକଟସ୍ଥ ଏରେଇଁ ପଞ୍ଚାୟତ ଶ୍ମଶାନ ପଡ଼ିଆରେ ଜାମୁ, ନିମ୍ବ, କରଞ୍ଜ, କୃଷ୍ଣଚୂଡ଼ା ଆଦି ବିଭିନ୍ନ କିସମର ୫୦ଟି ଚାରାରୋପଣ କରାଯାଇଛି। ଶାଖାର ଉପସଭାପତି କାର୍ତ୍ତିକ ଭାରତୀ, କୋଷାଧ୍ୟକ୍ଷ ବିଭୁକଲ୍ୟାଣ ସ୍ୱାଇଁ, ସେବା ସମ୍ପାଦକ ସଞ୍ଜୟ ରାଉତ, ସଦସ୍ୟ ପ୍ରଶାନ୍ତ ସେଠୀ, ରବିନାରାୟଣ ରାଉତ, ପୁରୁଷୋତ୍ତମ ମହାନ୍ତି, ପରେଶ ମଲ୍ଲିକ, ମୁନ୍ନା ଜେନା, ଅକ୍ଷୟ ସେଠୀ, ସୁଦର୍ଶନ ବେହେରା, ଅକ୍ଷୟ ମହାନ୍ତି, ପରମେଶ୍ୱର ଗିରି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# କେନ୍ଦୁଝରରେ ହେବ ୱାଗନ, କୋଚ ଶେଡ୍ ମରାମତି କାରଖାନା

କେନ୍ଦୁଝର,୩୦।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସମେତ ସୁମାଦେବୀ, ଖୋର୍ଦ୍ଧା ରୋଡ, ଅନୁଗୁଳ, ତାଳଚେରରେ ହେବ ମାଲବାହୀ ଟ୍ରେନ ୱାଗନ ଓ ଯାତ୍ରୀବାହୀ କୋଚ ଉନ୍ନୟନ ଓ ମରାମତି କାରଖାନା। ଏହି କୋଚ ଓ ୱାଗନ ରଖିବା ପାଇଁ ୧୫ ରୁ ୨୦ ରେଳ ଲାଇନ ପାଇଁ ଜମି ଆବଶ୍ୟକ। ଏଥି ପାଇଁ ଆବଶ୍ୟକ ଜମି ଦରକାର ପଡୁଥିବାରୁ ଖୋର୍ଦ୍ଧାସ୍ଥିତ ପୂର୍ବତଟ ରେଳବାଇର ଡିଭିଜନ ଇଞ୍ଜିନିୟରଙ୍କ ପକ୍ଷରୁ ଚିଠି ରାଜ୍ୟ ସରକାରଙ୍କୁ ହୋଇଥିବା ଜଣାପଡିଛି। ଏଠାରେ ରେଳ ୱାଗନ ଓ କୋଚ ସେଡ ହେଲେ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏକ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇ ପାରିବ ବୋଲି ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ କହାଯିବା ସହ ସ୍ୱାଗତ କରାଯାଇଛି। ଯଦି ରାଜ୍ୟ ସରକାର ଆବଶ୍ୟକୀୟ ଜମି ଯୋଗାଇ ଦିଅନ୍ତି ତେବେ ଆଗାମୀ ଦିନରେ ଏଠାରେ ଏକ ରେଳଡବା ମରାମତି କାରଖାନା ପ୍ରତିଷ୍ଠା ହେବ ଏବଂ ପାଖାପାଖି ୧ ହଜାର ନିଯୁକ୍ତି ସୁଯୋଗ ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷରେ ୩୦ ହଜାରରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ ବୋଲି ମଞ୍ଚର ସଭାପତି ରଞ୍ଜନ ବେହେରା କହିଛନ୍ତି।

# ବଢୁଛି ଚୋରା କୋଇଲା କାରବାର

ଭଦ୍ରକ,୩୦।୬(ସନାତନ ରାଉତ)

ଭଦ୍ରକ ଜିଲାର ବାସୁଦେବପୁର, ସାବରଙ୍ଗ, ତିହିଡ଼ି, ଚାନ୍ଦବାଲି ଆଦି ଅଞ୍ଚଳରେ ଚୋରା କୋଇଲା କାରବାର ବୃଦ୍ଧି ପାଉଛି। ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଧରପଗଡ଼ କରାଯାଇ ଚୋରା କୋଇଲା ଜବତ କରାଯାଉଛି। ରବିବାର ସାବରଙ୍ଗ ଥାନା ଅଧୀନ ବାଲିବିଲି ଓ ସେରପୁର ଅଞ୍ଚଳର ରେଳ ଲାଇନ କଡ଼ରେ ଗଚ୍ଛିତ ଥିବା ୮ ଶହ ବସ୍ତା ଚୋରା କୋଇଲା ସାବରଙ୍ଗ ପୋଲିସ ଜବତ କରିଛି।

ଧାମରା ଯାଉଥିବା କୋଇଲା ବୋଝେଇ ଚଳନ୍ତା ଟ୍ରେନ୍‌ରୁ ମାଫିଆମାନେ ଲୋକ ଲଗାଇ କୌଶଳକ୍ରମେ କୁଇଣ୍ଟାଲ କୁଇଣ୍ଟାଲ କୋଇଲା ତଳକୁ ଖସାଇ ଦେଉଛନ୍ତି। ପରେ ତାକୁ ବସ୍ତା କରି ଚୋରାରେ ବିକ୍ରି କରି ମାଲେମାଲ

## ଜବତ ୮ଶହ ବସ୍ତା ଡିପିସିଏଲ୍‌କୁ ହସ୍ତାନ୍ତର


ପୋଲିସ ଜବତ କରିଥିବା ଚୋରା କୋଇଲା ବସ୍ତା।

ହେଉଛନ୍ତି। ଡିପିସିଏଲ୍ (ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍)ର ଅଧିକାରୀମାନେ ଜବତ ହୋଇଥିବା କୋଇଲା କମ୍ପାନୀର ବୋଲି ଚିହ୍ନଟ କରିବା ପରେ ପୋଲିସ ପକ୍ଷରୁ ହସ୍ତାନ୍ତର କରାଯାଇଥିବା ସାବରଙ୍ଗ ଥାନା ଅଧିକାରୀ ରୀନା ବକ୍ସଲା କହିଛନ୍ତି।

# 'ଛାଇ ଲେଉଟାଣି', 'ବିବିଧ ବୀକ୍ଷା' ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଦ୍ରକ,୩୦।୬ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ସଂସ୍କୃତି ଭବନରେ ରବିବାର ଅପରାହ୍ନରେ ଡ. ବଳରାମ ମିଶ୍ରଙ୍କ କବିତା ସଂକଳନ 'ଛାଇ ଲେଉଟାଣି' ଓ ପ୍ରବନ୍ଧ ପୁସ୍ତକ 'ବିବିଧ ବୀକ୍ଷା'ର ପାଠକାର୍ପଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କବି ଡା. ଦୁର୍ଯ୍ୟୋଧନ ଦାସଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ଘନଶ୍ୟାମ ଲେଙ୍କାଙ୍କ ଦ୍ୱାରା ବେଦ ଉଚ୍ଚାରଣ ସହ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ କଥାକାର ଡ. ରାଧାବିନୋଦ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭା ପ୍ରାରମ୍ଭରେ ଦିବଂଗତ କବି ଓ ସାମାଜିକ କର୍ମୀ ଶାନ୍ତିଲତା ନାଗଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦ ଓ ରାନ୍ଧିଆ ରାମେଶ୍ୱର ସାହିତ୍ୟ ସଂସଦର ସହଯୋଗିତାରେ ଆୟୋଜିତ ଏହି ଉତ୍ସବରେ କବି ଡ. ଶଶଧର ଦାସ ଏବଂ କଥାକାର ପବିତ୍ର ପାଣିଗ୍ରାହୀ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଣେ ପାଠକଙ୍କୁ ଅତିଥି ଆସନରେ ମଞ୍ଚାସୀନ କରି ତାଙ୍କର ବକ୍ତବ୍ୟ ଶୁଣିବା ଏକ ନିଆରା ସଂଯୋଜନା ଥିଲା। ବରେଣ୍ୟ ପାଠକ ଭାବେ ଭଦ୍ରକର ଗୋଇନ୍ଦା ବିଭାଗ ଉପ-ଆରକ୍ଷୀ ଅଧୀକ୍ଷକ ପ୍ରଭାତ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରତିଭା ବରଣ କ୍ରମରେ ଭଦ୍ରକର ତବଲା ବାଦକ ତଥା ସାହିତ୍ୟିକା ମୋହିନୀ ମୋହନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋବର୍ଦ୍ଧନ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ କବି କିଶୋର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ଦୁଇଟିର ଲେଖକ ଡ. ମିଶ୍ର ଲେଖକୀୟ ଅଭିବ୍ୟକ୍ତି ବାଢ଼ିଥିବା ବେଳେ ତାଙ୍କ ପୁତ୍ର ରୋଟାରିଆନ ଶାନ୍ତି ସ୍ୱରୂପ ମିଶ୍ର 'ଆତ୍ମଜଙ୍କ ଅଭିବ୍ୟକ୍ତି' ଉପସ୍ଥାପନ କରିଥିଲେ। ରାମେଶ୍ୱର ସାହିତ୍ୟ ସଂସଦର ସଭାପତି ଚିତ୍ତରଞ୍ଜନ ବରାଳ ଧନ୍ୟବାଦ ଦେଇଥିଲେ। ସୁଷମା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ପ୍ରିୟଦର୍ଶୀ ମିଶ୍ର, ଆନନ୍ଦୀ ମିଶ୍ର, ଆରାଧ୍ୟା ମିଶ୍ର, ପ୍ରବେଶ ମିଶ୍ର, ସପନ କୁମାର ଚାଟାର୍ଜୀ, ସଂଗ୍ରାମ କେଶରୀ ସେନାପତି, ଗୌତମ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ୩ ନିର୍ବାଚନମଣ୍ଡଳୀରେ ଥାଇ ଅବହେଳିତ

ତିହିଡ଼ି,୩୦।୬(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକକୁ ବିଧାନସଭା ନିର୍ବାଚନମଣ୍ଡଳୀ ରୂପେ ଘୋଷଣା ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଥିଲେ ମଧ୍ୟ ଏହା ପୂରଣ ହୋଇନାହିଁ। ସରକାର ବଦଳିବା ପରେ ଏହି ଦାବି ପୂରଣ ହେବା ନେଇ ଲୋକଙ୍କ ଭିତରେ ନୂତନ ଆଶା ସଞ୍ଚାର ହୋଇଛି। ନିର୍ବାଚନମଣ୍ଡଳୀ ଘୋଷଣା ହେଲେ ତିହିଡ଼ିରେ ଦୀର୍ଘବର୍ଷ ହେଲା ଲାଗି ରହିଥିବା ବହୁବିଧ ସମସ୍ୟାର ଅନ୍ତ ଘଟିବ ବୋଲି ଲୋକେ ଆଶାବ୍ୟକ୍ତ କରିଛନ୍ତି।

୨୦୦୯ରେ ସୀମା ନିର୍ଦ୍ଧାରଣ ପରେ ତିହିଡ଼ି ବ୍ଲକ ୩ ଭାଗରେ ବିଭକ୍ତ ହୋଇଥିଲା। ବ୍ଲକର ମୋଟ ୩୧ ପଞ୍ଚାୟତ ମଧ୍ୟରୁ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ୧୩, ବାସୁଦେବପୁର ଓ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ୯ ପଞ୍ଚାୟତ ଲେଖାଏ ସାମିଲ ହୋଇଥିଲା। ତିହିଡ଼ି ୩ଜଣ ବିଧାୟକଙ୍କ ଅଧୀନରେ ରହିଥିବାରୁ ବିଭିନ୍ନ ସମସ୍ୟା ପ୍ରତି କେହି

## ତିହିଡ଼ିକୁ ନିର୍ବାଚନମଣ୍ଡଳୀ ଘୋଷଣା ଦାବି ତେଜିଲା

ବିଶେଷ ଗୁରୁତ୍ୱ ଦେଇନାହାନ୍ତି। ଯାହାଦ୍ୱାରା କାନ୍ତକବିଙ୍କ ମାଟି ଭାବେ ଜଣାଶୁଣା ତିହିଡ଼ି ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ତିହିଡ଼ିକୁ ଏନ୍ଏସି ଘୋଷଣା କରିବାକୁ ନିର୍ବାଚନ ପୂର୍ବରୁ ଦାବି ଜୋର୍ ଧରିବା ସହ ତିହିଡ଼ି ବନ୍ଦ ପାଳନ କରାଯାଇଥିଲେ ମଧ୍ୟ ଏହା ପୂରଣ ହୋଇ ନ ଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳ ଏନ୍ଏସି ମାନ୍ୟତା ପାଇଥିବା ବେଳେ ତିହିଡ଼ି ବାଦ୍ ପଡ଼ିବା ନେତାମାନଙ୍କ ଆନ୍ତରିକତାର ଅଭାବ ବୋଲି ଆଲୋଚନା ହୋଇଥିଲା। ବର୍ଷାଦିନେ ତିହିଡ଼ିର ଡ୍ରେନେଜ୍ ସମସ୍ୟା ଗୁରୁତର ହୋଇଥାଏ। ଯାହା ବର୍ଷାଋତୁ ଆରମ୍ଭରୁ ପରିଲକ୍ଷିତ ହେଲାଣି। ଅସରାଏ ବର୍ଷାରେ ରାସ୍ତା ପାଣିରେ ବୁଡ଼ି ଯାଉଛି ଏବଂ ନର୍ଦ୍ଦମାର ପଚା ପାଣି ରାସ୍ତାରେ ଭାସୁଛି। ଯାହାର ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା ବେଳେ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ରାଜ୍ୟ ରାଜପଥ ନିର୍ମାଣ ସମୟରେ ଡ୍ରେନେଜ୍ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଇ ନ ଥିବାରୁ ଏପରି ସ୍ଥିତି ଉପୁଜୁଛି। ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ ଓ ଶିଶୁ ରୋଗ ବିଶେଷଜ୍ଞ ପଦବୀ ଦୀର୍ଘବର୍ଷ ହେଲା ଖାଲି ପଡ଼ିଥିବାରୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରୁ ନାହିଁ। ତିହିଡ଼ି ବଜାରରେ ପରିସ୍ରାଗାରଟିଏ ନାହିଁ। ରାସ୍ତାପାର୍ଶ୍ୱରେ ଥିବା ପରିସ୍ରାଗାରକୁ ରାଜ୍ୟ ରାଜପଥ ନିର୍ମାଣ ବେଳେ ଭାଙ୍ଗି ଦିଆଯାଇଥିଲା। ପରେ ଏହା ନିର୍ମାଣ ହୋଇ ପାରି ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ବଜାରରେ ସାଇ ସଙ୍ଗଠନ ପକ୍ଷରୁ ନିର୍ମିତ ବିଶ୍ରାମାଗାରକୁ ଭାଙ୍ଗି ଦିଆଯାଇଥିଲା। ମାତ୍ର ବଜାରରେ ଏହା ଆଉ ନିର୍ମାଣ ନ ହେବାରୁ ରୌଦ୍ରତାପରେ ଲୋକେ ମୁଣ୍ଡ ଗୁଞ୍ଜିବାକୁ ଅକଥନୀୟ ଦୁର୍ଦ୍ଦଶା ଭୋଗିଥିଲେ। ତିହିଡ଼ିରେ ଥିବା ପୁରାତନ ଡାକବଙ୍ଗଳା ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ତିହିଡ଼ିକୁ ନିର୍ବାଚନମଣ୍ଡଳୀ ଘୋଷଣା କରାଗଲେ ଏସବୁ ସମସ୍ୟାର ଅନ୍ତ ଘଟିବ ବୋଲି କୁହାଯାଉଛି। ତିହିଡ଼ିର ୨ ପ୍ରମୁଖ ସାମାଜିକ ସଙ୍ଗଠନ ଜୀବନଜ୍ୟୋତି ଓ ମଣିଶଙ୍କର ଏନେଇ ମଧ୍ୟ ଦାବି ଉଠାଇଛନ୍ତି।

ଏ ସମ୍ପର୍କରେ ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସ କହନ୍ତି, ତିହିଡ଼ି ୩ ଭାଗରେ ବିଭକ୍ତ ହେବା ପରେ ଏହାର ଗୁରୁତ୍ୱ କମିଯାଇଛି। ୩ଜଣ ବିଧାୟକ ନିଜ ବ୍ଲକକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ତିହିଡ଼ି ବ୍ଲକର ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ତିହିଡ଼ିକୁ ନିର୍ବାଚନମଣ୍ଡଳୀ କରାଗଲେ ତିହିଡ଼ିବାସୀ ଯଥେଷ୍ଟ ଉପକୃତ ହେବେ। କାରଣ ତିହିଡ଼ିର ବିଧାୟକ କେବଳ ତିହିଡ଼ିର ବିଭିନ୍ନ ସମସ୍ୟା ଉପରେ ଧ୍ୟାନ ଦେବେ ଏବଂ ତୁରନ୍ତ ସମାଧାନ ହୋଇପାରିବ ବୋଲି ମଣିଶଙ୍କର ସେବା ସଙ୍ଗଠନର ଆବାହକ ସୁମନ୍ତ କୁମାର ମହାନ୍ତି କହିଛନ୍ତି।

# କାମରେ ଲାଗୁନି ଅରଡ଼େଇ ପୋଲ

କେନ୍ଦୁଝର,୩୦।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

■ଜମି ଅଧିଗ୍ରହଣ ନ କରି ପୋଲ କରିଦେଲେ

■ଆପ୍ରୋଚ୍ ରୋଡ୍ ନାହିଁ, ଉପର ଭାଗ ଭଙ୍ଗାକାଚରେ ଭର୍ତ୍ତି


ପୋଲ ଉପରେ ପଡ଼ିଥିବା ଭଙ୍ଗାକାଚ।

କେନ୍ଦୁଝର ଜିଲା ମୁଖ୍ୟାଳୟରୁ ଧରଣୀଧର ବିଶ୍ୱବିଦ୍ୟାଳୟ, ଗମ୍ଭାରିଆ ଗ୍ରାମ ଦେଇ ସଦର ବ୍ଲକ୍ ବୋଦାପଳଶା ଗ୍ରାମକୁ ଯାଇଥିବା ରାସ୍ତାର ଅରଡେଇ ନଦୀ ଉପରେ ନିର୍ମିତ ପୋଲ କାମରେ ଲାଗୁନି। ପୋଲ ନିର୍ମାଣକୁ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଆପ୍ରୋଚ୍ ରୋଡ୍ ସଂଯୋଗ ହୋଇପାରୁନାହିଁ। ଫଳରେ ପୋଲ ଉପରେ ଯାତାୟାତ ସମ୍ଭବ ହୋଇପାରୁନାହିଁ। ଏହାର ସୁଯୋଗରେ ଅସାମାଜିକ ଲୋକେ ମଦ୍ୟପାନ କରି ପୋଲ ଉପରେ କାଚ ଭାଙ୍ଗି ପକାଇଥିବା ଦେଖାଯାଉଛି। ଏହି ରାସ୍ତା ଉପରେ ନିର୍ଭରଶୀଳ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ବିଜୁ ସେତୁ ଯୋଜନାରେ ପ୍ରାୟ ୬ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପୋଲ ନିର୍ମିତ ହୋଇଛି। ସୂଚନାଫଳକ ନ ଥିବାରୁ ଠିକ୍ କାର୍ଯ୍ୟାରମ୍ଭ, ଶେଷ ତାରିଖ ଓ ବ୍ୟୟ ଅଟକଳ ଜଣାପଡୁ ନ ଥିଲେ ମଧ୍ୟ ୫ ବର୍ଷ ହେବ ପୋଲ ନିର୍ମାଣ କାର୍ଯ୍ୟ ସରିଛି। ନଦୀ ଉପରେ ଏକ ଥୁଣ୍ଟା ବରଗଛ ପରି ଛିଡ଼ା ହୋଇଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ପୋଲର ଆପ୍ରୋଚ୍ ରାସ୍ତା ଘରୋଇ ଜମିରେ ହେବାକୁ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ତେବେ ବିନା ଜମି ଅଧିଗ୍ରହଣରେ କାହିଁକି ପୋଲ ନିର୍ମାଣ ହୋଇଛି, ଏ ନେଇ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। କେନ୍ଦୁଝର ଜିଲା ମୁଖ୍ୟାଳୟ ନିକଟରେ ଓ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ କିଛି ଦୂରରେ ଏହି ପୋଲ ନିର୍ମାଣ ହୋଇଥିଲେ ହେଁ କାର୍ଯ୍ୟକ୍ଷମ ନ ହେବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ସଭାପତି ରଞ୍ଜନ ବେହେରା କହିଛନ୍ତି। ବୋଦାପଳଶାଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅବସ୍ଥିତ। ସରକାରୀ ଅଧିକାରୀ ଓ ଆଞ୍ଚଳିକ ନେତୃବୃନ୍ଦ ଉକ୍ତ ରାସ୍ତା ଦେଇ ଦୈନିକ ଚଳପ୍ରଚଳ କରୁଛନ୍ତି। ଏହାର ସ୍ଥାୟୀ ସମାଧାନ ପ୍ରତି କାହାର ବି ଆଗ୍ରହ ଦେଖାଯାଉନାହିଁ। ବର୍ତ୍ତମାନ ଉକ୍ତ ପୋଲ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପୋଲର ଉପର ଭାଗ ମଦ ବୋତଲର ଭଙ୍ଗା କାଚରେ ଭରି ଯାଇଛି। ତେବେ ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ ନ କରାଗଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପଥ ଅବଲମ୍ବନ କରିବେ ବୋଲି ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ପ୍ରତ୍ୟୁଷ ପଟ୍ଟନାୟକ, ଜୟକୃଷ୍ଣ ନାଏକ, ଦିଲୀପ ନାଏକ କହିଛନ୍ତି। ବର୍ଷାଋତୁ ଆରମ୍ଭ ହୋଇଯାଇଛି, ସ୍ଥାନୀୟ ଗ୍ରାମଗୁଡ଼ିକର ଯାତାୟାତ ପାଇଁ ପୋଲର ୨ପଟେ ଘରୋଇ ଜମି ଅଧିଗ୍ରହଣ କରି ତୁରନ୍ତ ଯାତାୟାତ ସୁବିଧା କରିବାକୁ ଦାବି ହୋଇଛି। ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯାତାୟାତର ସୁବିଧା କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ସମ୍ପାଦିକା ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା, ସସ୍ମିତା ମହାନ୍ତ, ସରୋଜ ସାହୁ, ସୁଜନ ଦେହୁରୀ, କାର୍ତ୍ତିକ ମହାକୁଡ, ହାଡ଼ିବନ୍ଧୁ ନାଏକ, ରସାନନ୍ଦ ଘଣା ପ୍ରମୁଖ ଅନୁରୋଧ କରିଛନ୍ତି।

## ଛୁଆହାତୀକୁ ସ୍ତନ୍ୟପାନ ବେଳର ଭିଡିଓ ଭାଇରାଲ

ପାଟଣା,୩୦।୬(ବୀର କିଶୋର ଦାଶ)



ପାଟଣା ରେଞ୍ଜରେ ୨୪ ଟିକିଆ ଝାଡ଼ଖଣ୍ଡ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ଏକ ମା’ ହାତୀ ରବିବାର ଏରେଣ୍ଡେଇ ନଦୀକୂଳ ଭଗବାନ ବେଜଙ୍କ ଝାଟି କୁଦର ପୋଖରୀରେ ଗାଧୋଇବା ପରେ ଛୁଆକୁ ଗେଲ କରିବା ସହ ସ୍ତନ୍ୟପାନ କରାଉଥିବା ଦୃଶ୍ୟକୁ ସ୍ଥାନୀୟ ଲୋକେ ଉପଭୋଗ କରିବା ସହ ଦୃଶ୍ୟକୁ ମୋବାଇଲରେ କଏଦ କରିଥିଲେ। ଏହି ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

## ଶୁଣ୍ଢି ସମାଜର ସାଂଗଠନିକ ବୈଠକ

ଢେଙ୍କିକୋଟ,୩୦।୬(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଶୁଣ୍ଢି ସମାଜର ସାଂଗଠନିକ ବୈଠକ ରବିବାର ଢେଙ୍କିକୋଟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର କୁମାର ମଣ୍ଡଳଙ୍କ ସଭାପତିତ୍ୱରେ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ କେନ୍ଦୁଝର ପ୍ରତିନିଧିମାନେ ଜିଲା ଶୁଣ୍ଢି ସମାଜର ସମସ୍ୟା ଠିକ ଭାବେ ଉପସ୍ଥାପନା କରିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଦୀପକ ମଣ୍ଡଳ, କୁଳମଣି ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ମଣ୍ଡଳ, ସୁଶାନ୍ତ ମଣ୍ଡଳ, ରାକେଶ ମଣ୍ଡଳ, ପଞ୍ଚାନନ ମଣ୍ଡଳ, ଦେବାନନ୍ଦ ମଣ୍ଡଳ, ଲିପୁନ ମଣ୍ଡଳ, ବିଜୟ ମଣ୍ଡଳ, ସିପୁ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ପାଟଣା,୩୦।୬(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ଗାଲଫୁଲା ଗ୍ରାମର ଜଣେ ଯୁବକ ପାରିବାରିକ କଳହରୁ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଉଛନ୍ତି ସୁରେଶ ନାଏକ(୩୫)। ଶନିବାର ରାତିରେ ସୁରେଶ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା। ପରେ ସୁରେଶ କେଉଁଆଡ଼େ ଚାଲିଯାଇଥିଲେ। ରବିବାର ସକାଳୁ ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ଘର ନିକଟ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଦେଖି ପାଟଣା ପୋଲିସକୁ ଖବର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାଟଣା ଥାନାରେ ଏକ ମାମଲା(ନଂ. ୩୮/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର,୩୦।୬(ଶୁଶାନ୍ତ କୁମାର ସାହୁ/ଉମେଶ ଚନ୍ଦ୍ର ପାଢୀ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚମର୍ଦା ଗ୍ରାମ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ପ୍ରଫୁଲ୍ଲ କୁମାର ସାହୁ (୨୬)। ସେ ରବିବାର ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ବଶତଃ ଗୋଡ଼ ଖସି ବୁଡ଼ିଯାଇଥିଲେ। ଗ୍ରାମର କେତେଜଣ ପୋଖରୀକୁ ଯାଇଥିବା ବେଳେ ଯୁବକ ପାଣିରେ ଭାସୁଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଛି।

## ହାତୀର ଶୁଦ୍ଧିକ୍ରିୟା କଲେ ଗ୍ରାମବାସୀ

ସୋସୋ,୩୦।୬(ସତ୍ୟବ୍ରତ ଜେନା)


ଶୁଦ୍ଧିକ୍ରିୟାରେ ଯୋଗଦେଇଥିବା ଗ୍ରାମବାସୀ।

ଆଜିର ଦୁନିଆ ମଣିଷ ନିଜ ପରିବାର ଓ ସମ୍ପର୍କୀୟଙ୍କୁ ଭୁଲିଯାଉଛନ୍ତି। ରକ୍ତ ସମ୍ପର୍କ ବି ତୁଚ୍ଛ ହେଉଥିବା ବେଳେ କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ହଡ଼ଗଡ଼ ବାଘୁଆ ସାହିର ଲୋକେ ନୂଆ ଉଦାହରଣ ସୃଷ୍ଟି କରିଛି। ଗ୍ରାମବାସୀ ଏକ ଜଙ୍ଗଲୀ ଦନ୍ତା ହାତୀର ଶୁଦ୍ଧିକ୍ରିୟା କରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି।

ପ୍ରକାଶ ଯେ, ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ଏକ ଦନ୍ତାହାତୀ ସୋସୋ କାନପୁର ଅଞ୍ଚଳକୁ ବହୁ ସମୟରେ ଆସୁଥିଲା। ଜୁନ୍ ୧୮ ତାରିଖରେ ହାତୀଟି କାନପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ବାଡ଼ି ଚାରିପାଖରେ ଗୁଡ଼ାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲା। ମୃତ୍ୟୁକୁ ଶନିବାର ୧୧ ଦିନ ବିତିଥିବା ବେଳେ ବାଘୁଆ ଗ୍ରାମବାସୀ ହାତୀର ଶୁଦ୍ଧିକ୍ରିୟା କରିଥିବା ପରିଲକ୍ଷିତ ହୋଇଛି। ଗ୍ରାମବାସୀ ବ୍ରାହ୍ମଣଙ୍କୁ ଡାକି ସମସ୍ତ କ୍ରିୟାକର୍ମ ସମାପନ କରିବା ସହ ଲଣ୍ଡା ହୋଇ ଆଖପାଖ ଗ୍ରାମବାସୀଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଏଥିରେ ବାଘୁଆ ଗ୍ରାମର ବାବୁ ନାଇକ, ଜଗନ ନାଇକ, ଘନିଆ ଦାସ, ବାବିନ ନାଇକ, ଚିନ୍ତା ନାଇକ, ନରେନ୍ଦ୍ର ନାଇକ, ଚିନ୍ତାମଣି ମହାନ୍ତି ଓ ଲକ୍ଷ୍ମୀକାନ୍ତ ନାଇକ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମାପନ କରିଥିଲେ।

## ଦୋକାନ ଘରେ ପଶିଗଲା ଟ୍ରେଲର

ଯୋଡ଼ା,୩୦।୬(ମାନସ ମହାନ୍ତି): କେନ୍ଦୁଝର ଜିଲା ୫୨୦ ନଂ. ଜାତୀୟ ରାଜପଥର କଣ୍ଡରାଠାରେ ରବିବାର ଏକ ଟ୍ରେଲର ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଦୋକାନ ଘରେ ପଶିଯାଇଥିଲା। ଏଥିରେ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରିମୁଳୀ ଆଡୁ ଯୋଡ଼ା ଅଭିମୁଖେ ଆସୁଥିବା ଟ୍ରେଲର (ନଂ. ଓଡି ୦୯ୱାଇ ୧୨୬୬) ୫୨୦ ନଂ. ଜାତୀୟ ରାଜପଥର କଣ୍ଡରାଠାରେ ଭାରସାମ୍ୟ ହରାଇ ରାସ୍ତାକଡ଼ର ଡାହାଣ ପାର୍ଶ୍ୱରେ ଥିବା ଏକ ଦୋକାନ ଭିତରେ ପଶିଯାଇଥିଲା। ସେଠାରେ ଥିବା ଦୋକାନୀ, ଟ୍ରେଲର ଡ୍ରାଇଭର ଓ ହେଲପର ଆହତ ହୋଇଥିଲେ। ବିଲେଇପଦା ଫାଣ୍ଡି ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

## କେନ୍ଦୁଝରରେ ହେବ ୱାଗନ, କୋଚ ଶେଡ୍ ମରାମତି କାରଖାନା

କେନ୍ଦୁଝର,୩୦।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସମେତ ସୁମାଦେବୀ, ଖୋର୍ଦ୍ଧା ରୋଡ, ଅନୁଗୁଳ, ତାଳଚେରରେ ହେବ ମାଲବାହୀ ଟ୍ରେନ ୱାଗନ ଓ ଯାତ୍ରୀବାହୀ କୋଚ ଉନ୍ନୟନ ଓ ମରାମତି କାରଖାନା। ଏହି କୋଚ ଓ ୱାଗନ ରଖିବା ପାଇଁ ୧୫ ରୁ ୨୦ ରେଳ ଲାଇନ ପାଇଁ ଜମି ଆବଶ୍ୟକ। ଏଥି ପାଇଁ ଆବଶ୍ୟକ ଜମି ଦରକାର ପଡୁଥିବାରୁ ଖୋର୍ଦ୍ଧାସ୍ଥିତ ପୂର୍ବତଟ ରେଳବାଇର ଡିଭିଜନ ଇଞ୍ଜିନିୟରଙ୍କ ପକ୍ଷରୁ ଚିଠି ରାଜ୍ୟ ସରକାରଙ୍କୁ ହୋଇଥିବା ଜଣାପଡିଛି। ଏଠାରେ ରେଳ ୱାଗନ ଓ କୋଚ ସେଡ ହେଲେ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏକ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇ ପାରିବ ବୋଲି ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ କହାଯିବା ସହ ସ୍ୱାଗତ କରାଯାଇଛି। ଯଦି ରାଜ୍ୟ ସରକାର ଆବଶ୍ୟକୀୟ ଜମି ଯୋଗାଇ ଦିଅନ୍ତି ତେବେ ଆଗାମୀ ଦିନରେ ଏଠାରେ ଏକ ରେଳଡବା ମରାମତି କାରଖାନା ପ୍ରତିଷ୍ଠା ହେବ ଏବଂ ପାଖାପାଖି ୧ ହଜାର ନିଯୁକ୍ତି ସୁଯୋଗ ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷରେ ୩୦ ହଜାରରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ ବୋଲି ମଞ୍ଚର ସଭାପତି ରଞ୍ଜନ ବେହେରା କହିଛନ୍ତି।

## ଡାକ୍ତରଖାନା ପରିଦର୍ଶନ କରି ସମସ୍ୟା ବୁଝିଲେ ବିଧାୟକ


ସ୍ଥାନୀୟ ଲୋକଙ୍କ ସହ ବିଧାୟକ ଅଭିମନ୍ୟୁ ସେଠୀ ଆଲୋଚନା କରୁଛନ୍ତି।

ହାଟଡ଼ିହୀ,୩୦।୬(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ବିଧାୟକ ଅଭିମନ୍ୟୁ ସେଠୀ ରବିବାର ହାଟଡ଼ିହୀ ବ୍ଲକ୍ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା କିପରି ଦିଆଯାଉଛି, ସେ ବିଷୟରେ ପଚାରି ବୁଝିବା ସହ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ କର୍ମଚାରୀଙ୍କୁ କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗ, ରୋଗୀଙ୍କ ୱାର୍ଡ, ଷ୍ଟାଫ୍ କ୍ୱାର୍ଟର୍ସର ସ୍ଥିତି ବୁଲି ଦେଖିଥିଲେ। ବହୁ ସମୟରେ ରୋଗୀ ସେବାରେ ବିଭ୍ରାଟ ଉପୁଜୁଥିବା ଅଭିଯୋଗ ହେଉଥିବାରୁ ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ସମସ୍ୟା ଉପରେ ଅନୁଧ୍ୟାନ କରିବା ସହ ରୋଗୀ, ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପରିଦର୍ଶନ ସମୟରେ ସ୍ଥାନୀୟ ଲୋକମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଦର୍ଶାଇ ଏହାର ସମାଧାନ ପାଇଁ ଦାବି ଜଣାଇଥିଲେ।

## ଏମ୍ଏସ୍‌ପି କାରଖାନାରେ ବଢୁଛି ଶ୍ରମିକ ଅଶାନ୍ତି

କେନ୍ଦୁଝର, ୩୦।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ହଳଦିଆଗୁଣା ନିକଟରେ ଥିବା ଏମ୍ଏସ୍‌ପି ସ୍ପଞ୍ଜ କାରଖାନାରେ ଶ୍ରମିକ ଅଶାନ୍ତି ବଢ଼ିବାରେ ଲାଗିଛି। ଏଥିଯୋଗୁ କାର୍ଯ୍ୟ ବ୍ୟାହତ ହେଉଥିବା ଦେଖାଯାଉଛି। ଗତ ୨ ଦିନ ହେଲା କର୍ମଚାରୀ ଓ ଶ୍ରମିକମାନେ ଆନ୍ଦୋଳନ କରିବାରୁ କାମରେ ବାଧା ଉପୁଜିଥିଲା। ସେମାନଙ୍କ ଦାବି ୭ ଦିନ ମଧ୍ୟରେ ସମାଧାନ କରିବା ନେଇ କାରଖାନା ପକ୍ଷରୁ ଶନିବାର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ସାମୟିକ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଜୁନ୍ ୨୬ରେ ଶ୍ରମିକମାନେ ସ୍ଥାନୀୟ ସରପଞ୍ଚଙ୍କ ସହ କାରଖାନା କର୍ତ୍ତୃପକ୍ଷଙ୍କ ସହିତ ସେମାନଙ୍କ ଦାବି ନେଇ ଆଲୋଚନା କରିବାକୁ ଯାଇଥିଲେ। କାରଖାନାର ୨ ସୁରକ୍ଷାକର୍ମୀ ସେମାନଙ୍କୁ ଅସଦାଚରଣ କରିବାକୁ ନେଇ ଅସନ୍ତୋଷ କୁହୁଳିଥିଲା। ସେମାନଙ୍କ ବିଭିନ୍ନ ଦାବି ଓ ଅସଦାଚରଣକୁ ନେଇ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ଶ୍ରମିକମାନେ ୨ ଦିନ ଅଧିକାରୀଙ୍କୁ କାରଖାନା ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ଫଳରେ କାର୍ଯ୍ୟ ବ୍ୟାହତ ହୋଇଥିଲା। ଦାବି ମଧ୍ୟରେ ଅନ୍ୟାୟ ଭାବରେ ଶ୍ରମିକ ଛଟେଇ ବନ୍ଦ କରିବା ସହ ଛଟେଇ କରାଯାଇଥିବା ୨୦ ଜଣଙ୍କୁ ନିଯୁକ୍ତି ଦେବା, ସର୍ବନିମ୍ନ ଦରମା ପ୍ରଦାନ, ଶ୍ରମିକଙ୍କୁ ଇପିଏଫ୍ ଓ ଇଏସ୍ଆଇ ସୁବିଧା, ୧୨ ଘଣ୍ଟା ସ୍ଥାନରେ ୮ ଘଣ୍ଟା ଡ୍ୟୁଟି ଦେବା, ଧୂଳିରୁ ରକ୍ଷା ପାଇଁ ଭତ୍ତା ଦେବା, ଗସ୍ତ ଭତ୍ତା, ସମସ୍ତଙ୍କୁ ପରିଚୟପତ୍ର ପ୍ରଦାନ, ପେମେଣ୍ଟ ସ୍ଲିପ୍ ପ୍ରଦାନ, କ୍ୟାଣ୍ଟିନ ସୁବିଧା, ପ୍ରାଥମିକ ସେବା ଯୋଗାଇଦେବା, ଅବସର ପରେ ଗ୍ରାଚ୍ୟୁଇଟି ବ୍ୟବସ୍ଥା ଆଦି ଦାବି ପୂରଣ ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଅଭିଯୋଗ କରିଛନ୍ତି, କମ୍ପାନୀ ପୂର୍ବରୁ ଠିକ୍‌ଠାକ୍ ଚାଲିଆସୁଥିଲା। କେତେଜଣ ବରିଷ୍ଠ ଅଧିକାରୀଙ୍କ ମନମୁଖିକାମ ଯୋଗୁ ଗତ ୬ ମାସ ହେଲା କାରଖାନାରେ ଅଶାନ୍ତି ଦେଖାଦେବା ସହ ବନ୍ଦ ହେବା ଅବସ୍ଥାକୁ ଚାଲିଆସିଥିଲା। ସେମାନଙ୍କୁ ହଟାଇଦେବାକୁ କମ୍ପାନୀର ମାଲିକଙ୍କୁ ନିବେଦନ କରିଛନ୍ତି। ନଚେତ ଆଗାମୀ ଦିନରେ କାରଖାନା ବନ୍ଦ ହୋଇଯିବ ଏବଂ ପୁଞ୍ଜିଭୂତ ଅସନ୍ତୋଷ ଗୁରୁତର ରୂପ ନେବ ବୋଲି ମତପ୍ରକାଶ ପାଉଛି। ଏ ନେଇ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ସଞ୍ଜୟ ସାହୁ କହିଛନ୍ତି, ଶ୍ରମିକଙ୍କ ଦାବି ପୂରଣ କରିବା ନେଇ ପରିଚାଳନା କମିଟି ଆଲୋଚନା ଜାରି ରଖିଛି।

## ୨ ଟ୍ରକ୍ ମୁହାଁମୁହିଁ, ଜଣେ ମୃତ

ଘଟଗାଁ,୩୦।୬(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ବାଇପାସ ରାସ୍ତାର ଅନତିଦୂର ପୁରୁଣାପୋଖରୀଠାରେ ଶନିବାର ବିଳମ୍ବିତ ରାତିରେ ୨ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଋଷିପାଟଣା ଗ୍ରାମର ଅଫସର ବାବୁ। ଗୁରୁତର ହେଲେ ଚନ୍ଦନ ଯାଦବ ଓ ହେଦୁଙ୍କୁ ବୋଲି ଜଣାପଡ଼ିଛି। ଉଭୟଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ (ଏପି –୧୬ –ପିଇ –୬୭୧୨, ଓଆର –୦୯ –ୟୁ –୮୯୪୫) ଜବତ କରି ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି।

## ହୋ ସମାଜ ପକ୍ଷରୁ ଲାକ ବଦ୍ରାଙ୍କ ପୁଣ୍ୟତିଥି

ଯୋଡ଼ା,୩୦।୬(ମାନସ ମହାନ୍ତି)


ଆଦିବାସୀ ହୋ ସମାଜର ସଦସ୍ୟା, ସଦସ୍ୟମାନେ।

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳର ୱାର୍ଡ ନମ୍ବର ୨ ବନେଇକଳା ମୁଣ୍ଡା ସାହିଠାରେ ରବିବାର ଆଦିବାସୀ ହୋ ସମାଜ ପକ୍ଷରୁ ଅତ୍‌ଗୁରୁ କୋଲ ଲାକ ବଦ୍ରାଙ୍କ ୩୮ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ହୋ ଶିକ୍ଷକ ଦିନେଶ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଆଦିବାସୀ ହୋ ସମାଜ ମହାସଭା କେନ୍ଦୁଝର ଜିଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା ଯୋଗଦେଇ ଲାକ ବଦ୍ରାଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ହୋ ଶିକ୍ଷୟିତ୍ରୀ ନେହା ମୁଣ୍ଡା ଏବଂ କସ୍ମିତା ମୁଣ୍ଡା, ଶାନ୍ତିଲତା ମୁଣ୍ଡା, ସାବିତ୍ରୀ ମୁଣ୍ଡା, ତୁଳସୀ ମୁଣ୍ଡା, ରଇବାରୀ ମୁଣ୍ଡା, ମଙ୍ଗଳ ମୁଣ୍ଡା, ସୁରେଶ ମୁଣ୍ଡା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ହୋ ଭାଷାଭାଷୀଙ୍କର ଏକ ସ୍ୱତନ୍ତ୍ର ଲିପି ରହିଛି। ଯାହାକି ୱାରଂଚିତି ଲିପି ରୂପେ ପରିଚୟ ଲାଭ କରିଛି। ଜାତୀୟସ୍ତରରେ ହୋ ଭାଷାର ସାମ୍ବିଧାନିକ ମାନ୍ୟତା ଏବଂ ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପାଇଁ ଆନ୍ଦୋଳନ ସହିତ ଦାବି ହୋଇ ଆସୁଛି। ଗୁରୁ ଲାକ ବଦ୍ରା ହୋ ଭାଷାରେ ସାହିତ୍ୟର ପ୍ରଚାର ପାଇଁ ୱାରାଂଚିତି ଲିପି ଆବିଷ୍କାର କରି ସମଗ୍ର ହୋ ଭାଷାଭାଷୀଙ୍କ ନିକଟରେ ଆକାଶର ଧ୍ରୁବତାରା ପରି ସର୍ବଦା ହୋ ଜାତି, ସମାଜ ପାଇଁ ଉଜ୍ଜ୍ୱଳମାନ ତାରକା ସଦୃଶ ପୂଜା ପାଇ ଆସୁଛନ୍ତି। କେନ୍ଦୁଝର ଜିଲାର ଅଗ୍ରଣୀ ସଂଗଠନ ଆଦିବାସୀ ହୋ ସମାଜ ମହାସଭା ସଂଗଠିତ ଏବଂ ଏକତ୍ରିତ ହୋଇ ଯେତେଦିନ ଯାଏ ହୋ ଭାଷା ଏବଂ ଏହାର ଲିପି ୱାରାଂଚିତି ରହିଥିବ ସେତେଦିନ ପର୍ଯ୍ୟନ୍ତ ତାଙ୍କୁ ହୋ ସମାଜ ତାଙ୍କୁ ସ୍ମରଣ କରୁଥିବ ବୋଲି ଗୁରୁ ଲାକ ବଦ୍ରାଙ୍କ ପୁଣ୍ୟତିଥି ପାଳନ ଅବସରରେ ଆଦିବାସୀ ହୋ ସମାଜ ମହାସଭାର କେନ୍ଦୁଝର ଜିଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା କହିଛନ୍ତି।

## ସୁଧୁରୁନି କୁଶେଇ ନଦୀବନ୍ଧ ରାସ୍ତା ଅବସ୍ଥା

ରାମଚନ୍ଦ୍ରପୁର,୩୦।୬(ଗଣେଶ୍ୱର ସା)

ଖାଲଖମାରେ ଭର୍ତ୍ତି, ଅଧିକାରୀ ଶୁଣୁନାହାନ୍ତି


ରାସ୍ତା ଖାଲରେ ବର୍ଷା ପାଣି ଜମିଛି।

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଏନ୍ଏଚ୍ ୨୦ ବେଲବାହାଳି ପଞ୍ଚାୟତର ସିଆପଡ଼ା ଛକଠାରୁ ଜଳସୁଆଁ ନୟାଗଡ଼ କୁଶେଇ ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାରୁ ପିଚୁ, ମେଟାଲ ଉଠି ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଅସରାଏ ବର୍ଷାରେ ସେଥିରେ ଆଣ୍ଠୁଏ ଲେଖାଏ ପାଣି ଜମୁଛି। ଫଳରେ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ଅବସ୍ଥା ସୁଧୁରୁନାହିଁ। ବିଭାଗୀୟ ଅଧିକାରୀ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଆନନ୍ଦପୁର ଆରଡି ବିଭାଗ ଅଧୀନରେ ଉକ୍ତ ରାସ୍ତା ରହିଛି। ଏହି ରାସ୍ତା ଦେଇ ସିଆପଡ଼ା, ଜଳସୁଆଁ, ନୟାଗଡ଼, ପରମାନନ୍ଦପୁର, ବାଡୋ, ଅଂଜିରା, ମଧୁକେଶରୀ, ଅତା, ଶାଳଦେଇ ସମେତ ୧୦ ଗ୍ରାମର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଯାତାୟାତ କରୁଛନ୍ତି। ନଦୀକୂଳେ ଯାଇଥିବା ଏହି ରାସ୍ତା ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ମରଣଯନ୍ତା ପାଲଟିଛି, ଯାହାଫଳରେ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାସ୍ତା ମରାମତି ହେଉନାହିଁ। ଏହାର ମରାମତି ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସମସ୍ୟା ସମ୍ପର୍କରେ ଜଳସୁଆଁ ସରପଞ୍ଚ ପ୍ରଶାନ୍ତି ମାଝୀ ଓ ବେଲବାହାଳି ସରପଞ୍ଚ ଦୀପ୍ତି ସାହୁ ପୂର୍ବରୁ ଉପଜିଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ମୌସୁମୀ ଆଗମନରେ ବର୍ଷା ଆରମ୍ଭ ହୋଇଯାଇଛି, ଫଳରେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଖୁବ୍‌ଶୀଘ୍ର ରାସ୍ତା ମରାମତି ପାଇଁ ୨ ସରପଞ୍ଚଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅସିତ୍ କୁମାର ପାତ୍ର କହିଛନ୍ତି, ପୂର୍ବରୁ ଯେଉଁ ଠିକାଦାର କାମ ନେଇଥିଲେ, ତାଙ୍କର ସମୟ ଶେଷ ହୋଇଯିବାରୁ ସେ କରିପାରିନାହାନ୍ତି। ୬ ମାସ ମଧ୍ୟରେ ନୂଆ ପ୍ରୋଜେକ୍ଟ ଆସିଲେ କାମ ଆରମ୍ଭ ହେବ। ସରପଞ୍ଚ ଦୀପ୍ତି ସାହୁ କହିଛନ୍ତି, ଆହୁରି ୬ ମାସ ପର୍ଯ୍ୟନ୍ତ ଜନସାଧାରଣ ଏମିତି ଯନ୍ତ୍ରଣାରେ ଛଟପଟ ହେବେ। ତା’ ଭିତରେ କେତେ ଯେ ଜୀବନ ଯିବ ତାହା କିଏ କହିପାରିବ।

# ଗଛ ପାଇଁ ସରୁନି ରାସ୍ତାକାମ

ନୀଳଗିରି,୩୦।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଦେଇ ଯାଇଥିବା ଶେରଗଡ଼-ନୀଳଗିରି-ଝରଣାଘାଟି (ଏସଏନ୍‌ଜେ) ୧୯ନଂ. ରାଜ୍ୟ ରାଜପଥ ସମ୍ପ୍ରସାରଣ କାମ ବିଳମ୍ବ ହେବାରେ ଲାଗିଛି। ୧୬ଟି ଗଛ କାଟିବାକୁ ବନ ବିଭାଗ ଅନୁମତି ଦେଉ ନ ଥିବାରୁ ରାସ୍ତାକାମ ସରି ପାରୁନାହିଁ। ଫଳରେ ଦୁର୍ଘଟଣା ବଢୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉଦ୍ୟମରେ ଏହି ରାସ୍ତାର ନବୀକରଣ ତଥା ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ମିଳିଥିଲା। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ୧୨୫ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏଥି ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଶ୍ରୀଦୁର୍ଗା ନାମକ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୨୨ ମାର୍ଚ୍ଚ ୨୭ରେ କାର୍ଯ୍ୟ ଆରମ୍ଭ ପାଇଁ ପୂର୍ତ୍ତ ବିଭାଗ ସ୍ୱୀକୃତି ପାଇ ୨୦୨୪ ମାର୍ଚ୍ଚ ୨୬ ତାରିଖ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ଅବଧି ରହିଥିଲା। ମାତ୍ର ଅବଧି ସରିଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ସରି ପାରିନାହିଁ। କାର୍ଯ୍ୟର ମନ୍ଥରତା ପାଇଁ ପୂର୍ତ୍ତ ବିଭାଗ ପାଖରେ କୌଣସି ଉତ୍ତର ନାହିଁ। ଠିକା ସଂସ୍ଥା, ପୂର୍ତ୍ତ ବିଭାଗ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ କାର୍ଯ୍ୟରେ ବିଳମ୍ବ ହେଉଥିବା ଦେଖିବାକୁ ମିଳିଛି।

## ଦୁର୍ଘଟଣା ବଢୁଛି, ଅଚିନ୍ତାରେ ବନ ବିଭାଗ



ରାସ୍ତା ଉପରେ ଥିବା ଗଛ।

ଉକ୍ତ ରାସ୍ତାର ପୋଡ଼ାଶୁଳଠାରୁ ଝରଣାଘାଟି ପର୍ଯ୍ୟନ୍ତ ହାତୀ ସୁରକ୍ଷା ବଳୟ (ଇଏସ୍‌ଜେଡ୍) ବନ ବିଭାଗ ଦର୍ଶାଇବା ସହ ଏହା ଉପରେ କୌଣସି ନୂତନ କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରିନାହିଁ। ପୋଡ଼ାଶୁଳଠାରୁ ସଜନାଗଡ଼ ମଧ୍ୟରେ ଥିବା ୮୦ଟି ଗଛ ମଧ୍ୟରୁ ୬୪ଟି ଗଛ କଟା ଯାଇଥିଲା। ରାସ୍ତାର ଦୁଇପାର୍ଶ୍ୱରେ ଥିବା ଆଉ ୧୬ଟି ଗଛ କାଟିବାକୁ ବନ ବିଭାଗ ଅନୁମତି ଦେଉନାହିଁ। ରାସ୍ତା ପ୍ରଶସ୍ତୀକରଣ ପରେ ଏହି ଗଛଗୁଡ଼ିକ ପିଚୁ ରାସ୍ତା ମଧ୍ୟରେ ରହିଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ରାସ୍ତା ସମ୍ପ୍ରସାରଣ ତୁରନ୍ତ ସାରିବା ପାଇଁ ପଦକ୍ଷେପ ନିଆ ନ ଗଲେ ଅଞ୍ଚଳବାସୀ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି।

# 'ଅଭିଭାବକ ଭଳି ପିଲାଙ୍କ ଯତ୍ନ ନେଉଥିବା ଶିକ୍ଷକ ହିଁ ପ୍ରକୃତ ଗୁରୁ'



ଛାତ୍ରୀଛାତ୍ର ଅଭିଭାବକଙ୍କ ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା,୩୦।୬(ଉତ୍କଳବନ୍ଧୁ ପଣ୍ଡା)

ବିଦ୍ୟାଳୟରେ ଜଣେ ଗୁରୁ ବା ଶିକ୍ଷକ ପାଠ ପଢାଇ ନିଜର ଦାୟିତ୍ୱ ସମ୍ପାଦନ କରିଥାନ୍ତି। ହେଲେ ପାଠ ପଢ଼ା ସାଙ୍ଗକୁ ଅଭିଭାବକଙ୍କ ଭଳି ପ୍ରତି ପଦକ୍ଷେପରେ ପିଲାଙ୍କ ଯତ୍ନ ନେଉଥିବା ଶିକ୍ଷକ ହିଁ ପ୍ରକୃତ ଗୁରୁଙ୍କ ପଦବାଚ୍ୟ ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ ଅଧୀନ କନ୍ତିଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପ୍ରସାଦ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ବିଦ୍ୟାଳୟ ପରିସରରେ ଓଷ୍ଟା ଖଇରା ଶାଖାର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ଦାଶ, ସୁଶାନ୍ତ କୁମାର ମିଶ୍ର, ମୁକ୍ତିକାନ୍ତ ସ୍ୱାଇଁ, ବଳରାମ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଇଶ୍ୱର ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ପରିଚାଳନା କମିଟିର ସମସ୍ତ ସଭ୍ୟ, ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦିବ୍ୟଜ୍ୟୋତିଙ୍କୁ ସ୍ୱର୍ଣ୍ଣ ପଦକ

## ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍ ପରୀକ୍ଷା

ବାଲେଶ୍ୱର,୩୦।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାର ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ୮ମ ଶ୍ରେଣୀର ଛାତ୍ର ଦିବ୍ୟଜ୍ୟୋତି ରାଉତ ଚଳିତ ବର୍ଷ ନ୍ୟାଶନାଲ ସାଇନ୍ସ ଅଲିମ୍ପିଆଡ ଫାଉଣ୍ଡେସନ, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ ପରୀକ୍ଷାରେ ବିଶେଷ କୃତିତ୍ୱ ହାସଲ କରିଛନ୍ତି। ସେଥିପାଇଁ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଏକ ମାନପତ୍ର ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି।

ଦିବ୍ୟଜ୍ୟୋତି ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତଙ୍କ ପୁତ୍ର। ସେ ଜଣେ ମେଧାବୀ ଛାତ୍ର। ତାଙ୍କର ରୁଚି ଗଣିତ, ଇଂରାଜୀ ଓ ବିଜ୍ଞାନରେ ଅଧିକ ଦେଖିବାକୁ ମିଳେ। ପୂର୍ବରୁ ସେ ବିଜ୍ଞାନ ଓ ଇଂରାଜୀ ବିଷୟରେ ଅନ୍ତର୍ଜାତୀୟ ଅଲିମ୍ପିଆଡ ପରୀକ୍ଷାରେ ବହୁବାର ମଧ୍ୟ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ଆଗାମୀ ଦିନରେ ଆହୁରି ଆଗକୁ ଯାଇ ପିତାମାତାଙ୍କ ସମ୍ମାନ ଓ ବିଦ୍ୟାଳୟର ଗୌରବକୁ ଅଭିବୃଦ୍ଧି କରିବେ ବୋଲି କହିଛନ୍ତି।



ଦିବ୍ୟଜ୍ୟୋତି ରାଉତ।

# ଭାଗନେଲେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ବିଦ୍ୟାଳୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ବାଲେଶ୍ୱର,୩୦।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଗୋପାଳଗାଁ ସ୍ଥିତ ଏକ ଘରୋଇ କଲେଜ ପରିସରରେ 'ଆମ ନ୍ୟୁଜ'ର ୨୦ତମ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ, ଚିତ୍ରାଙ୍କନ, ଓଡ଼ିଆ ଓ ଇଂରାଜୀ ପ୍ରବନ୍ଧ ଲିଖନ ଏବଂ ଫ୍ୟାନସି ଡ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ବିପ୍ଳବ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବକ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସଂସ୍ଥାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବରେଣ୍ୟ ଅତିଥି ଭାବେ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଚୟନରେ ସଂସ୍ଥାର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ମଧୁସୂଦନ ଦାସ, କବି ପ୍ରଶାନ୍ତ ଦାସ, ସାମାଜିକ କର୍ମୀ ଅଞ୍ଜଳି ପଣ୍ଡା, କିଶୋର ଦାସ, ବରିଷ୍ଠ ଖବରଦାତା ଗଙ୍ଗାଧର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ସଂସ୍ଥାର ସମ୍ପାଦିକା ନିହାରିକା ମହାନ୍ତି ଓ ଡ. ଶ୍ରୀମାନ ଶ୍ରୀଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ସମ୍ପାଦିତ ହୋଇଥିଲା। ଅଧ୍ୟାପକ ପ୍ରଦୀପ ଚକ୍ରବର୍ତ୍ତୀ, ଅରୁପ ନାରାୟଣ ମହାନ୍ତି, ରଶ୍ମିରଞ୍ଜନ ସାହୁ, ଦିବ୍ୟାଶା ମହାନ୍ତି, ତ୍ରିଷା ମହାନ୍ତି, ଶବନମ ପାଣ୍ଡେ, ଶେଖ ବସିତ ଅଲ୍ଲୀ, ଅର୍ଜୁନ ସାହୁ, ଗଦାଧର ବାରିକ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ୨ କବିତା ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର,୩୦।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହର କବିତୀର୍ଥ ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବି ପଦ୍ମଲୋଚନ ଦଣ୍ଡଙ୍କର ଦୁଇଟି କବିତା ପୁସ୍ତକ 'ଜୀବନ ସଂଗ୍ରାମ' ଓ 'ଅ ଆ କ ଖ' ଉନ୍ମୋଚିତ ହୋଇଯାଇଛି।

ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ 'ଅକ୍ଷାଂଶ'ର ସମ୍ପାଦକ କବି ଡ. ହରିଶ୍ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଓ ବରେଣ୍ୟ ଅତିଥି ଭାବେ ଯଶସ୍ୱୀ ଗବେଷକ ଡ. ଭାଗବତ ପ୍ରସାଦ ଦାସ ଯୋଗଦେଇ ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ବାଲେଶ୍ୱର ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଇନଜୀବୀ ନିରଞ୍ଜନ ପରିଡ଼ା ଓ ଅଭିନେତା ନିରଞ୍ଜନ ରାଉତ କବି ଦଣ୍ଡଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସମ୍ପାଦକ ଦୀପକ ଘୋଷ ପ୍ରାକ୍‌କଥା ରଖିଥିବାବେଳେ ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ। ଅନ୍ୟତମ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଶତାଧିକ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଅତିଥିମାନେ କବିତା ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ),୩୦।୬

ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ନେପୁରାସ୍ଥିତ ସତ୍ୟସାଇ ମନ୍ଦିରରେ ରବିବାର ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଷ୍ଟେଶନ ଛକସ୍ଥିତ କଲ୍ୟାଣ ହେଲଥ୍ କେୟାର ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟରର ପରିଚାଳନା ସମ୍ପାଦିକା ନମିତା ମହାପାତ୍ରଙ୍କ ଦ୍ୱାରା ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଶ୍ରୀରାମପୁର ପଞ୍ଚାୟତର ନେପୁରା, ସେତପୁରା, ମଇଁଷାମୁଣ୍ଡା, ଶ୍ରୀରାମପୁର ତଥା ଆଖପାଖ ଗ୍ରାମରୁ ବହୁ ବ୍ୟକ୍ତି ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ନେପୁରା, ସତ୍ୟସାଇ ସେବା ସଂଗଠନର କର୍ମକର୍ତ୍ତାମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ଖଇରା ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ




ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ଖଇରା,୩୦।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ଅର୍ଜୁନପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ପରିବେଶ ସଚେତନତା ସଭା ସାଙ୍ଗକୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଟା ପାୱାର ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ସଭାରେ ନିରାପତ୍ତା ଅଧିକାରୀ ଶାନ୍ତନୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ ମଲ୍ଲିକ, ଖଇରା ସହକାରୀ ଯନ୍ତ୍ରୀ ଇଂ. ପ୍ରଭାସ ରଞ୍ଜନ ବିଶ୍ୱାଳ ଓ ଶଶାଙ୍କ ଶେଖର ପଣ୍ଡା, ଅନୀଲ କୁମାର ମହାନ୍ତି, ଭବାନୀ ମହାଳିକ, ସିପକ କୁମାର ଖୁଣ୍ଟିଆ, ଡୁଙ୍ଗୁରା ସେକ୍ସନର ଅଧିକାରୀ ନୀଳମାଧବ ଆଲାତିଆ, ଗଣେଶ ମହାନ୍ତି, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶଶିକାନ୍ତ ବେହେରା, ଶିକ୍ଷକ ବିଶ୍ୱଜିତ ମୁଦୁଲି, ମୃତ୍ୟୁଞ୍ଜୟ ନାୟକ, କୌଶଲ୍ୟା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରେ ଅଧିକାରୀମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

# ଯୋଗଦେଲେ ନୂଆ ଆଇଆଇସି

ବାଲିଆପାଳ,୩୦।୬ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ଥାନାର ଆଇଆଇସି ସଦାନନ୍ଦ ନାୟକଙ୍କ ବଦଳି ପରେ ନୂଆ ଆଇଆଇସି ଭାବେ ବ୍ରହ୍ମାନନ୍ଦ ସ୍ୱାଇଁ ଶନିବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ସମୟରେ ଆଇଆଇସି ସ୍ୱାଇଁ ବାଲିଆପାଳ ଅଞ୍ଚଳର ଆଇନ ଶୃଙ୍ଖଳା ଓ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ପ୍ରତି ଗୁରୁତର ସହକାରେ ଧ୍ୟାନ ଦେବେ ବୋଲି କହିଛନ୍ତି। ସ୍ୱାଇଁ ଚାକିରି କାଳ ମଧ୍ୟରେ ଭୁବନେଶ୍ୱର ନୟାପଲ୍ଲୀଠାରୁ ଆରମ୍ଭ କରି ବିଭିନ୍ନ ଜିଲାରେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରି ଆସିଛନ୍ତି। ସେ ବାଲେଶ୍ୱର ହେଡ୍ କ୍ୱାର୍ଟରରେ କିଛିଦିନ ରହିବା ପରେ ଶନିବାର ବାଲିଆପାଳ ଥାନାର ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଦେବେନ୍ଦ୍ରଙ୍କୁ ଜାତୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନ

ରୂପସା,୩୦।୬(ବାଞ୍ଛାନିଧି ଦେ)

କଟକ ସ୍ଥିତ ୱାର୍ଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ବିଶ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୁରସ୍କାର ବିତରଣ ଉତ୍ସବରେ ବାଲେଶ୍ୱର ଜିଲା ରୂପସା ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ଦେବେନ୍ଦ୍ର କୁମାର ଆଚାର୍ଯ୍ୟଙ୍କୁ ଜାତୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ତାମିଲନାଡୁ ବୈଦିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର କାନୁନଗୋଙ୍କ ସମେତ ମଞ୍ଚାସୀନ ଅତିଥିମାନେ ଦେବେନ୍ଦ୍ରଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ଜଣେ ଯୁବ ପ୍ରତିଭା, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ଜଗନ୍ନାଥ ସଂସ୍କୃତିର ପ୍ରଚାରକ ତଥା ଗବେଷକ, ବହୁମୁଖୀ ପ୍ରତିଭା ପାଇଁ ଅନେକ ପୁରସ୍କାରରେ ସମ୍ମାନିତ ଦେବେନ୍ଦ୍ରଙ୍କ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଜାତୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଗତ ୨୯ ତାରିଖରେ କଟକର ଶତାବ୍ଦୀ ଭବନରେ ଆୟୋଜିତ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଏଥି ସହ ସମାଜସେବା ଓ ଓଡ଼ିଆ ଭାଷାର ସୁରକ୍ଷା କ୍ଷେତ୍ରରେ ଅନେକ କାର୍ଯ୍ୟକରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କାର ଲାଭ କରି ଜିଲା ତଥା ରାଜ୍ୟ ପାଇଁ ସେ ଗୌରବ ଆଣିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।




ଦେବେନ୍ଦ୍ରଙ୍କୁ ଜାତୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନ ପ୍ରଦାନ କରାଯାଉଛି।

# 'ରକ୍ତଦାନ କ୍ଷେତ୍ରରେ ବାଲେଶ୍ୱର ଆଗୁଆ'

■ଜିଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ
■ମୁଖପତ୍ର 'ସ୍ପନ୍ଦନ' ଉନ୍ମୋଚିତ

ବାଲେଶ୍ୱର,୩୦।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ ଓଟି ରୋଡ୍‌ସ୍ଥିତ ଭେନ୍ୟା ପାରାଡାଇଜ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାକାର୍ଯ୍ୟ ଆରମ୍ଭରେ ପୂର୍ବତନ ଓଡ଼ିଶା ରକ୍ତକେନ୍ଦ୍ର ଅଧିକାରୀ ଡା. ମହେଶ କୁମାର ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ସଭାପତି କମଲ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସଂଘର ଯୁଗ୍ମ ସମ୍ପାଦକ ମନୋରଞ୍ଜନ ଦାସ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଂଘର ଜିଲା ସାଧାରଣ ସମ୍ପାଦକ ଇଂ. ଡ. ହୃଷିକେଶ ସାହୁ ବାର୍ଷିକ ବିବରଣୀ ପାଠ କରି ଚଳିତବର୍ଷ ୫୪୧ଟି ରକ୍ତଦାନ ଶିବିର ଜରିଆରେ ୩୧୫୮୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ସୂଚନା ଦେଇଥିଲେ।

ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସମ୍ମାନିତ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବକ୍ତା ବିଧାୟିକା ସୁବାସିନୀ ଜେନା ଏବଂ ଓଡ଼ିଶା ରକ୍ତକେନ୍ଦ୍ରର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ଜିଲା ରକ୍ତଦାତା ସଂଘର ଉଦ୍ୟମ ଫଳରେ ସମଗ୍ର ରାଜ୍ୟରେ ରକ୍ତଦାନ କ୍ଷେତ୍ରରେ ବାଲେଶ୍ୱର ଜିଲାର ଅଗ୍ରଣୀ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ରକ୍ତଦାନ ଭଳି ଏକ ମହତ କାର୍ଯ୍ୟ ସଂପାଦନ କରିଥିବା ସଂଗଠନ ଓ ରକ୍ତଦାତାମାନଙ୍କ ଅବଦାନ ଫଳରେ 'ରକ୍ତ ଅଭାବରୁ କାହାରି ମୃତ୍ୟୁ ନ ହେଉ' ଏହା ବାଲେଶ୍ୱର ଜିଲାରେ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ସଂଗଠନର ବାର୍ଷିକ ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ରକ୍ତଦାନ ଶିବିର ଆୟୋଜକମାନଙ୍କୁ ଓ ରକ୍ତଦାନ ସଚେତନତା ପାଇଁ ବିଶେଷ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ଏବଂ ସଂଗଠନମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆସନ୍ତା ୩ ବର୍ଷ ପାଇଁ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ପାଠ କରାଯାଇଥିଲା। ସଂଘର ପ୍ରତିଷ୍ଠାତା ସଭାପତି ବିପ୍ଳବ କୁମାର ମହାନ୍ତି, ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଓ ବରିଷ୍ଠ ଉପଦେଷ୍ଟା ସେଖ୍ ଜନତ୍ ହୋସେନ୍ ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ସଂଗୀତ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୋଷାଧ୍ୟକ୍ଷ ଅକ୍ଷୟ କୁମାର ତ୍ରିପାଠୀ, ସଦସ୍ୟ ବିଜୟ ପାତ୍ର, ଭଗବାନ ମହାନ୍ତି, ଗୋପାଳ ଚନ୍ଦ୍ର ମହାପାତ୍ର, ସୁକୁମାର ରଣା, ଶ୍ୟାମସୁନ୍ଦର ଜେନା, ଯଶୋଦାନନ୍ଦନ ଆଶ, ସଂଯୁକ୍ତା ପାତ୍ର, ଜାମସେଦ ଅଲ୍ଲୀ ଖାଁ, ପ୍ରଫୁଲ୍ଲ କୁମାର ଦାସ, ଗୌରାଙ୍ଗ ଚରଣ ପଣ୍ଡା, ସୁଲୋଚନା ବେହେରା, ପ୍ରମିଳା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହୀ ସଭ୍ୟ ଦେବାଶିଷ ପାଣି ଧନ୍ୟବାଦ ଦେଇଥିଲେ।




ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

